# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**24 December - 2024**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ସରକାର ଉପଭୋକ୍ତଙ୍କ ସମସ୍ୟାର ସମାଧାନ ଓ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦେଉଛନ୍ତି; ଜାତୀୟ ଉପଭୋକ୍ତା ଦିବସ ଅବସରରେ କହିଲେ ମୁଖ୍ୟମନ୍ତ୍ରୀ
- ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବା ପାଇଁ ଆସନ୍ତା ମାସ ୧୦ ତାରିଖରେ ଓଡ଼ିଶା ଆସିବେ ରାଷ୍ଟ୍ରପତି; ସୂଚନା ଦେଲେ ଗୃହ ଉନ୍ନୟନ ମନ୍ତ୍ରୀ
- ପାରାଦ୍ୱୀପ 'ନାଫ୍‌ଥା' କ୍ରେକର ପ୍ରକଳ୍ପ ପାଇଁ ୬୧ହଜାର କୋଟି ଟଙ୍କାର ବୁଝାମଣା ସ୍ୱାକ୍ଷରିତ
- ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ହାର ହ୍ରାସ ପାଇଁ ପଦକ୍ଷେପ ନିଆଯାଉଛି; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି

*Desk*

# ଉପଭୋକ୍ତା ଦିବସ

ରାଜ୍ୟ ସରକାର ଉପଭୋକ୍ତାଙ୍କ ସମସ୍ୟାର ସମାଧାନ ଓ ନ୍ୟାୟ ପ୍ରଦାନକୁ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ଖାଉଟି ଅଧିକାର ସମ୍ପର୍କରେ ଅଧିକ ସଚେତନ ରହିବା ପାଇଁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଉପଭୋକ୍ତା ସୁରକ୍ଷା ଅଭିଯାନକୁ ଫଳପ୍ରଦ କରିବା ପାଇଁ ସରକାରୀ, ବେସରକାରୀ ଅନୁଷ୍ଠାନ ସହ ସ୍ୱେଚ୍ଛାସେବୀ ଏବଂ ଗଣମାଧ୍ୟମର ମିଳିତ ସହଯୋଗର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଜିଲ୍ଲା ଏବଂ ରାଜ୍ୟସ୍ତରରେ ଉପଭୋକ୍ତା ବିବାଦ ପ୍ରତିକାର ପାଇଁ ଆୟୋଗ ଗଠନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ନୂତନ ଉପଭୋକ୍ତା ଆଇନ-୨୦୧୯ ପାରିତ ହେବା ସହ ଏହା ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଛି। ଏହା ଅନୁସାରେ ଉପଭୋକ୍ତା ଇ-ଫାଇଲିଂ ମାଧ୍ୟମରେ ନିଜ ଅଭିଯୋଗ ଦାଖଲ କରିପାରିବେ। ଏଥିସହ ନୂତନ ନିୟମରେ ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦେବାର ବ୍ୟବସ୍ଥା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଉପଭୋକ୍ତା ଦିବସ ଅବସରରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିବା ଖବର ଆମର ହସ୍ତଗତ ହୋଇଛି।

***Cuttack***

# ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

କଟକ ବେଲ୍‌ଭ୍ୟୁ ଛକଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଜଣେ ଜନପ୍ରିୟ ନେତା ଏବଂ ଯୁଗପୁରୁଷ ଭାବେ ଓଡ଼ିଶା ତଥା ସମଗ୍ର ଦେଶର ବିକାଶରେ ବାଜପେୟୀଙ୍କ ଭୂମିକା ଚିରସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଉତ୍ସବରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସୁଶାସନ ଓ ଆର୍ଥିକ ବିକାଶର ପଥପ୍ରଦର୍ଶକ ଅଟଳ ଜୀଙ୍କ ଓଡ଼ିଶାର ବିକାଶ ପ୍ରତି ଅତୁଳନୀୟ ଅବଦାନ ରହିଛି। ସ୍ୱର୍ଗତଃ ବାଜପେୟୀଙ୍କ ୧୦ ଫୁଟ ଉଚ୍ଚର ପ୍ରତିମୂର୍ତ୍ତି ୧୦ କୁଇଣ୍ଟାଲ ବ୍ରୋଞ୍ଜରେ ନିର୍ମିତ ହୋଇଥିବା ଜଣାପଡ଼ିଛି।

***Desk***

# ପ୍ରବାସୀ ଭାରତୀୟ ଦିବସ

ପ୍ରବାସୀ ଭାରତୀୟ ଦିବସର ଉଦ୍‌ଯାପନୀ ଉତ୍ସବରେ  ଯୋଗଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମାସ ୧୦ ତାରିଖରେ ଓଡ଼ିଶା ଆସିବା ନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଥିବା ବେଳେ ୧୪୦ଟି ଦେଶରୁ ୫ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଭାରତୀୟ ଯୋଗଦେବେ। ପ୍ରବାସୀ ଭାରତୀୟ ଦିବସର ସଫଳ ଆୟୋଜନ ନେଇ ଆଜି ଭୁବନେଶ୍ୱର ଖାରବେଳ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।

*I&PR*

## ନାଫ୍‌ଥା ପ୍ରକଳ୍ପ

ଭୁବନେଶ୍ୱର ଲୋକସେବା ଭବନରେ ଭାରତୀୟ ତୈଳ ନିଗମ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ମୋଟ୍ ୬୧ ହଜାର କୋଟି ଟଙ୍କାର ପାରାଦ୍ୱୀପ 'ନାଫ୍‌ଥା' କ୍ରେକର ପ୍ରକଳ୍ପ ପାଇଁ ଆସନ୍ତା ମାସରେ ବୁଝାମଣା ସ୍ୱାକ୍ଷରିତ ହେବ। ଏଥିସହ ଭଦ୍ରକରେ ୪ ହଜାର ୩୮୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବୟନ ପାର୍କର ଶିଳାନ୍ୟାସ ସମ୍ପର୍କରେ ଆଲୋଚନା ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୈଳ ନିଗମର ଅଧ୍ୟକ୍ଷ ଏ.ଏସ. ଶାହାନୀଙ୍କ ସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି।

*HS*

## ଇଏସ୍‌ଆଇ ହସ୍ପିଟାଲ

ଭୁବନେଶ୍ୱର ଇଏସ୍‌ଆଇ ହସ୍ପିଟାଲରେ ଡାଇଲେସିସ ୟୁନିଟ୍‌କୁ ଆଜି ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଉଦ୍‌ଘାଟନ କରିଛନ୍ତି। ପ୍ରତିଦିନ ୪ ରୁ ୫ ଜଣ ରୋଗୀ ଏହି ଚିକିତ୍ସା ସୁବିଧା ପାଇପାରିବା ସହ ମାସକୁ ପ୍ରାୟ ୪୦ ଜଣ ରୋଗୀଙ୍କୁ ଚିକିତ୍ସା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ହସ୍ପିଟାଲରେ ପ୍ରତିଦିନ ୪୦୦ ରୁ ୫୦୦ ଆଉଟଡୋର୍ ରୋଗୀ ଆସୁଥିବା ବେଳେ ୧୦୦ଟି ଶଯ୍ୟାର ବ୍ୟବସ୍ଥା ରହିଛି। ଆଗାମୀ ଦିନରେ ଏହାକୁ ସୁପର ସ୍ପେସିଆଲିଟି ସୁବିଧା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

*CTC*

## ‘ଆର୍‌ଏନ୍‌ଟି’ର ଶତବାର୍ଷିକୀ ସମାରୋହ

ରାଜ୍ୟରେ ଶିକ୍ଷକଙ୍କ ଶିକ୍ଷାର ବିକାଶ ହେବ। ବିଦ୍ୟାଳୟରେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ହାର ହ୍ରାସ କରିବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କଟକସ୍ଥିତ ରାଧାନାଥ ଉଚ୍ଚତର ଶିକ୍ଷା ଅନୁସନ୍ଧାନ ପ୍ରତିଷ୍ଠାନ-‘ଆର୍‌ଏନ୍‌ଟି’ର ଶତବାର୍ଷିକୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ଶିକ୍ଷକଙ୍କ ତାଲିମ ପାଇଁ ନୂଆ ପାଠ୍ୟକ୍ରମ ସହ ୪ ବର୍ଷୀୟା ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିସହ ଏହି ଶିକ୍ଷା ଅନୁଷ୍ଠାନର ଜମି ହସ୍ତାନ୍ତର ପରେ ନାକ୍‌ର ମାନ୍ୟତା ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ରାଜ୍ୟରେ ବିଇ.ଡି ପାଠ୍ୟକ୍ରମ ପାଇଁ ଅଧିକ ଅନୁଷ୍ଠାନ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ। ୨୦୩୬ ମସିହା ସୁଦ୍ଧା ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

*BBSR/R*

## ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ

ରାଜ୍ୟର ସମସ୍ତ ଜିଲ୍ଲା ତଥା ସହର ଗୁଡ଼ିକରେ ଜାତୀୟ ଗୁଣବତ୍ତା ସୁନିଶ୍ଚିତ ମାନକ ଏବଂ କାୟାକଳ୍ପ ଆଦି ଯୋଜନାର ସ୍ଥିତି ଓ ଅଗ୍ରଗତି ଉପରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଶତପ୍ରତିଶତ ଜାତୀୟ ଗୁଣବତ୍ତା ସୁନିଶ୍ଚିତ ମାନକ ପ୍ରମାଣପତ୍ର ପାଇଥିବା

ଗଞ୍ଜାମର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍ ଏବଂ ବ୍ରହ୍ମପୁର ପୌରପାଳିକା ନିଗମର ସହର କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ସ୍ୱତନ୍ତ୍ର ଶାସନ ସଚିବ ଡକ୍ଟର ଦିନବନ୍ଧୁ ପଣ୍ଡାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

***BBSR/R***

## ଧନୁଯାତ୍ରା ବୈଠକ

ଭୁବନେଶ୍ୱର ପର୍ଯ୍ୟଟନ ବିଭାଗର ସମ୍ମିଳନୀ କକ୍ଷରେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଆୟୋଜନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧନୁଯାତ୍ରାକୁ ବିଶ୍ୱସ୍ତରରେ ପହଁଞ୍ଚାଇବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଧନୁଯାତ୍ରାର ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଲ୍‌ଇଡି ଡିସ୍‌ପ୍ଲେ ମାଧ୍ୟମରେ ସିଧାପ୍ରସାରଣ କରିବା ସହ ଡିଜିଟାଲ ପ୍ରସାର ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ସୂଚନା ଅନୁସାରେ, ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ସ୍ୱୀକୃତିପ୍ରାପ୍ତ ବରଗଡ଼ ଧନୁଯାତ୍ରା ଭଗବାନ କୃଷ୍ଣ ଏବଂ ତାଙ୍କ ମାମୁଁ କଂସଙ୍କ କାହାଣୀ ଉପରେ ଆଧାରିତ । ଏହି ଉତ୍ସବ ସମୟରେ ବରଗଡ଼ ଜିଲ୍ଲା ମଥୁରା ରାଜ୍ୟରେ ପରିଣତ ହୋଇଥାଏ ।

*Desk*

## ଧାନକ୍ରୟ

ଧାନର ମାନ କମ୍ ଥିଲେ ମଧ୍ୟ ସରକାର ଧାନ କିଣିବେ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି । ଶ୍ରୀ ପାତ୍ର କହିଛନ୍ତି, ବର୍ଷା ପାଇଁ କମ୍ ମାନର ଧାନ ମଧ୍ୟ କ୍ରୟ କରାଯିବ। ଏଥିଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଓଦା ଧାନ ଶୁଖାଇ ମଣ୍ଡିରେ ବିକ୍ରି କରିବା ପାଇଁ ଚାଷୀଙ୍କୁ ଅଧିକ ସମୟ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

*Boudh*

## ଧାନକ୍ରୟ-୨

ବୌଦ୍ଧ ଜିଲ୍ଲାରେ ଧାନକ୍ରୟ ଆରମ୍ଭ ହୋଇଛି । ଜିଲ୍ଲାରେ ୪୩ ହଜାର ୧୦୯ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ୧୬ ଲକ୍ଷ କୁଇଣ୍ଟାଲ ଧାନକ୍ରୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଧାନକ୍ରୟ ପାଇଁ ୬୦ଟି ମଣ୍ଡି ଓ ଅଧିକ ଚାଷୀ ଥିବା ଅଞ୍ଚଳରେ ଅତିରିକ୍ତ ଭାବେ ୫ଟି ମଣ୍ଡି ଖୋଲାଯାଇଛି ।

*Ganjam*

## ପ୍ରାଣୀ ସମ୍ପଦ ମେଳା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ପରିସରରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଗ୍ରାମାଞ୍ଚଳର ଆର୍ଥିକ ସୀମାରେଖା ତଳେ ଥିବା ଲୋକଙ୍କ ପାଇଁ ଘରେ କୁକୁଡ଼ା, ବତକ ପାଳନ ଏକ ନିଆରା ପଦକ୍ଷେପ। ଏଥିପାଇଁ ସରକାରୀ ସହାୟତା ଯୋଗୁଁ ଚାଷୀଙ୍କ ମନୋବଳ ସୁଦୃଢ଼ ହେବା ସହ

ଆର୍ଥିକ ସ୍ଥିତିରେ ଉନ୍ନତି ହେଉଛି। ଏଥିସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଯୋଗୁଁ ଅନେକ ଚାଷୀମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

***Kalahandi***

## ଯକ୍ଷ୍ମା ନିରାକରଣ

ଦେଶରୁ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ରୋଗର ମୂଳୋତ୍ପାଟନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। କଳାହାଣ୍ଡି ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଆରମ୍ଭ ହୋଇଛି। ତୃଣମୂଳସ୍ତରରେ ଆଶା ଓ ସ୍ୱାସ୍ଥ୍ୟକର୍ମୀ ମାନେ ରୋଗୀଙ୍କ ନମୂନା ସଂଗ୍ରହ ସହ ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ଏ ସମ୍ପର୍କରେ କଳାହାଣ୍ଡି ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡକ୍ଟର ନିହରେନ୍ଦ୍ର ପଣ୍ଡା ଆକାଶବାଣୀକୁ କହିଛନ୍ତି...

**- V/O –**

***Deogarh***

## ପ୍ରଧାନପାଟ ଉତ୍ସବ

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ପ୍ରଧାନପାଟ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ମାସ ୨୯ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଉତ୍ସବର ଆୟୋଜନ ପାଇଁ ଆଲୋଚନା ହୋଇଥିଲା।

*Desk*

# ବଡ଼ଦିନ

ବଡ଼ଦିନ ପର୍ବ ଆସନ୍ତାକାଲି ପାଳନ ହେବ। ଏଥିପାଇଁ ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀମାନେ ଆନନ୍ଦ ଉଲ୍ଲାସର ସହ ପ୍ରସ୍ତୁତି କରୁଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଉଭୟ ବାପ୍ଟିଷ୍ଟ ଓ କ୍ୟାଥଲିକ ଚର୍ଚ୍ଚଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇଛି।

*HS*

# ପାଣିପାଗ

ଦକ୍ଷିଣ ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୁଦୃଶ ଲଘୁଚାପ ସକ୍ରିୟ ରହିଛି। ଲଘୁଚାପ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦୁର୍ବଳ ହେବାର ସମ୍ଭାବନା ଥିବା ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଲଘୁଚାପ ପ୍ରଭାବରେ ଆଜି ଓ ଆସନ୍ତାକାଲି ରାଜ୍ୟରେ ମେଘୁଆ ପାଗ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ଉତ୍ତର ଉପକୂଳ ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆଜି ବର୍ଷା ଲାଗି ରହିଛି। ଆସନ୍ତାକାଲି ଦକ୍ଷିଣ ଉପକୂଳରେ ବର୍ଷା ସହ ପାଗ କୋହଲା ରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।